ନାନାପ୍ରଶ୍ନି ଭୂଗୋଳ

ଶ୍ରୀ ଜଗନ୍ନାଥ ମିଶ୍ର

୧୮୭୨

ଶ୍ରୀମ

ଶ୍ରୀମନ୍ ... ଏହି ... ବିତ୍ତଂସସ୍ୱରୂପ ... ଗୌରବର ନିଦାନଭୂତ ଓ ... ମଣ୍ଡଳୀରେ ... ପ୍ରମାଣ । ଭଗ ... ଅଙ୍ଗମାଳକମାନେ ... ଅଛ । ବର୍ତ୍ତମାନ ମୁ ... କଲ୍ପ ... ପ୍ରଧାନ ... ଓ ସମ ... ଭୁଷଣକନ୍ୟର ... ଭବଦାନ ... ର ଅର୍ପଣ କର ପ୍ରା... ଅଛ ଯେ, ଶ୍ରୀମନ୍ ଏହାକୁ ସାଦରେ ଗ୍ରହଣ କର... ବୋଧ କରି ... ଇତି ।

ଭବଦୀ ... ଶ୍ରୀ... ଭୋଇବାଡ଼ୀ
ଶ୍ରୀ ଜଗନ୍ନାଥ ମିଶ୍ର ।





ଗତ ୧୯୧୯ ଖ୍ରୀଷ୍ଟାବ୍ଦ ଜୁଲାଇ କନ୍‌ଫରେନ୍ସବେଳେ ମୁଁ ମୋହର କର୍ତ୍ତୃପକ୍ଷଙ୍କ ଦ୍ୱାରା ଆଦିଷ୍ଟ ହୋଇ ପୋଲିସ ଡି. ସୁପରିଣ୍ଟେଣ୍ଡେଣ୍ଟ ବାବୁ ଶ୍ରୀ ହରେକୃଷ୍ଣ ଦାସଙ୍କ ଇଚ୍ଛାନୁସାରେ ଏହି କ୍ଷୁଦ୍ର ପୁସ୍ତିକାର ଯତ୍‌ସାମାନ୍ୟ ଅଂଶ ଉଲ୍ଲେଖ କରି ପୂର୍ଣ୍ଣାବୟବରେ ପ୍ରକାଶ କରିବାକୁ ଭାବିଥିଲି । ଆଜି ମୋହର ସେହି ଅଭିଳାଷ ପୂର୍ଣ୍ଣ ହୋଇଥିଲେହେଁ ନାନା ବାଧା ବିଘ୍ନ ହେତୁ ସ୍ଥଳବିଶେଷରେ ଭ୍ରମ ରହି ଯାଇ ଥିବାର ସମ୍ଭବ ।

ଏ ଷ୍ଟେଟର ଶିକ୍ଷାବିଭାଗୀୟ କର୍ତ୍ତୃପକ୍ଷ ମହୋଦୟଗଣ ଏହାକୁ ଏହି ଷ୍ଟେଟସ୍ଥ ବିଦ୍ୟାଳୟମାନଙ୍କର ଉପଯୋଗୀ ମନେକରି ଅନୁମୋଦନ କଲେ ଏହାର ଦ୍ୱିତୀୟ ସଂସ୍କରଣରେ ଅଶୁଦ୍ଧି ପରିହାର ସଙ୍ଗେ ପୁସ୍ତକଗତ ଆବଶ୍ୟକୀୟ ତ୍ରୁଟି ମାର୍ଜିତ କରିବାରେ ସମର୍ଥ ହୋଇ ପାରିବି । ଇତି ।

ଭବାନୀପାଟଣା ସ୍କୁଲ,
କଳାହାଣ୍ଡି ଷ୍ଟେଟ ।
ତା ୩୧ । ୭ । ୧୨ ।



ଶ୍ରୀ ଜଗନ୍ନାଥ ମିଶ୍ର ।

କଳାହାଣ୍ଡି [illegible]

[illegible] ।

[illegible]

ପୂର୍ବେ ଏଠାରେ ଗଙ୍ଗାବଂଶୀୟ ରାଜାମାନେ ରାଜ୍ୟଶାସନ କରୁ ଥିଲେ । ଭାରତ ଇତିହାସ ବଜ୍ରନିନାଦତୁଲ୍ୟ ଉଚ୍ଚ ଶବ୍ଦରେ ସେହି ପ୍ରମୁକ୍ତଲ ରାଜବଂଶର କୀର୍ତ୍ତି ଘୋଷଣା କରୁଅଛି । ଏହି ବିଶୁଦ୍ଧ ବଂଶର ଶେଷ ରାଜାଙ୍କର ଏକମାତ୍ର ପରମା ସୁନ୍ଦରୀ ଗୁଣବତୀ କନ୍ୟା ଭିନ୍ନ ଆଉ କୌଣସି ସନ୍ତାନ ନ ଥିଲା । ସେ ନାଗବଂଶାବତଂସ ଜଣେ ସୁପ୍ରସିଦ୍ଧ ରାଜପୁରୁଷଙ୍କ ସହ ରାଜୋଚିତ ସମାରୋହରେ ତାଙ୍କର ପରିଣୟ କ୍ରିୟା ସମ୍ପନ୍ନ କରାଇଥିଲେ ।

ରାଜା ଏକମାତ୍ର କନ୍ୟା ସମ୍ପ୍ରଦାନ କରି ସୁଖୀ ହୋଇ ନ ଥିଲେ, ତାଙ୍କ ହସ୍ତେ ଏହି ସୁବିଶାଳ କାରୁଣ୍ଡ ବା କଳାହାଣ୍ଡିର ସମସ୍ତ ଭାର ଅର୍ପଣ କରି ମାନବଲୀଳା ସମ୍ବରଣ କଲେ । ସେହିକାଳରୁ ଏହି ରାଜ୍ୟକୁ ଉପରୋକ୍ତ ନାଗବଂଶୀୟ ରାଜାମାନେ ପୁତ୍ରପୌତ୍ରାଦି କ୍ରମେ ଭୋଗଦଖଲ କରି ଆସୁଅଛନ୍ତି । ଆଉ ତାଙ୍କ ବଂଶଧର ଭ୍ରାତୃଗଣ ରାଜ୍ୟାନ୍ତର୍ଗତ [illegible] ଛୋଟ ଛୋଟ ବିଭାଗମାନ ଜମିଦାରି ଓ ସବ୍ ଜମିଦାରିରୂପେ [illegible]ର ଚିହ୍ନ ପ୍ରଦର୍ଶନ କରାଇ ବଂଶାନୁକ୍ରମେ ଭୋଗଦଖଲ କରୁଅଛନ୍ତି ।

କାଳକ୍ରମେ ଏହି ବଂଶୀୟ ରାଜାମାନଙ୍କ ମଧ୍ୟରୁ କେତେ ଜଣ ରାଜପୁରୁଷ ରାଜପଣ [illegible]ର ଶ୍ରୀ ପୁରୁଷୋତ୍ତମ ଦେବ ନାମକ ଜଣେ ରାଜା ରାଜତ୍ୱ କର[illegible] ଏହି ରାଜାଙ୍କ ରାଜତ୍ୱ ସମୟରେ ବର୍ତ୍ତମାନ ରାଜଧାନୀର [illegible] ମାଇଲ ଦୂରବର୍ତ୍ତୀ ପଶ୍ଚିମ ଦିଗସ୍ଥ ଜୁନାଗଡ଼ ନାମକ ସ୍ଥାନ ରାଜଧାନୀ ହୋଇଥିଲା । ଅଦ୍ୟାବଧି ସେହି ରାଜଧାନୀସ୍ଥ ପରିଖାବେଷ୍ଟିତ ରାଜବାଟିର ଭଗ୍ନାବଶେଷ ଏବଂ ଏହା ନିକଟରେ ଥିବା ବନ ଉପବନ ସବୁ ତାହାର ସାକ୍ଷ ପ୍ରଦାନ କରୁଅଛି ।

ଏହି ପୁରୁଷୋତ୍ତମ ଦେବଙ୍କ ଅନ୍ତେ ତଦୀୟ ଜ୍ୟେଷ୍ଠ ପୁତ୍ର ଶ୍ରୀ ଯୁଗଶାଏ ଦେବ ସିଂହାସନାଧିରୂଢ଼ ହେଲେ, ଦ୍ୱିତୀୟ ପୁତ୍ର ଲଞ୍ଜିଗଡ଼ର ଜମିଦାର ହେଲେ । ମହାରାଜ କ୍ଷତ୍ରିୟ ଅଂଶରେ ଜନ୍ମପରିଗ୍ରହ କରି-ଥିଲେହେଁ ତାଙ୍କ ହୃଦୟରେ କଠୋର ବୀରତ୍ୱ ଓ କୋମଳ ସ୍ନେହ ଦୟା ସମଭାବେ ପ୍ରତିବିମ୍ବିତ ହେଉଥିଲା । ତୃତୀୟ ପୁତ୍ର ଶ୍ରୀ ବଇଦନାଥ ଦେବ ଯେପରି ବୀର ସେହିପରି ସାହସୀ ଥିଲେ । କଥିତ ଅଛି, ସେ ଶାଣିତ କୃପାଣ ହସ୍ତରେ ଧାରଣ କରି ବୀରବେଶରେ ବେଗଗାମୀ ଅଶ୍ୱ ପୃଷ୍ଠରେ ଆସୀନ ରହି ବନମଧ୍ୟସ୍ଥ ହିଂସ୍ର ପଶୁମାନଙ୍କର ପ୍ରାଣ ବିନାଶ କରିବାରେ ଅଣୁମାତ୍ର କଷ୍ଟ ଅନୁଭବ କରୁ ନ ଥିଲେ । ଏହି ଅଦମ୍ୟ ସାହସ ଏବଂ ବଳବୀର୍ଯ୍ୟର ପରିଚୟ ପାଇ ଆମ୍ଭମାନଙ୍କର ଦୟାଳୁ ଗବର୍ଣ୍ଣମେଣ୍ଟ ତାଙ୍କୁ ରାଏପୁର ଜିଲ୍ଲାନ୍ତର୍ଗତ ସାତ ଖଣ୍ଡ ଗ୍ରାମ ପୁରସ୍କାର ଦେଇଥିଲେ । ଉକ୍ତ ଲଞ୍ଜିଗଡ଼ ଜମିଦାରର ବର୍ତ୍ତମାନ ଜମିଦାର ଶ୍ରୀ ମହେନ୍ଦ୍ରପ୍ରସାଦ ଦେଓ ଉକ୍ତ ଜମିଦାରଙ୍କ ପୌତ୍ର ଅଟନ୍ତି ।

ମହାରାଜ ଶ୍ରୀ ଯୁଗଶାଏ ଦେବଙ୍କ ଅନ୍ତେ ତାଙ୍କ ପୁତ୍ର [illegible] ଦେବ ରାଜା ହେଲେ । ଏହାଙ୍କ ରାଜତ୍ୱରେ ପୂର୍ବ ରାଜଧାନୀ[illegible] ଭୀଷଣ ମହାମାରୀ ଉପସ୍ଥିତ ହେବାରୁ ସମସ୍ତ [illegible]

ହୋଇ ଏହି ନବ ରାଜଧାନୀ ଭବାନୀପାଟଣାକୁ ଚଳାଇ ଆସିଥିଲେ, ସେତେବେଳେ ଏହି ସ୍ଥାନର ନାମ ଭଗ୍ନେଶ୍ୱର ଥିଲା । ମହାରାଜ ଉର୍ଦ୍ଧାଟନରୁ ଆହୂତ ଭବାନୀଶଙ୍କର ନାମକ ଶିବଲିଙ୍ଗ ସ୍ଥାପନ କରି ପୂର୍ବ ଭଗ୍ନେଶ୍ୱର ନାମ ପରିବର୍ତ୍ତରେ ରାଜଧାନୀର ନାମ ଭବାନୀପାଟଣା ରଖିବା ଜନଶ୍ରୁତିରୁ ଜଣାଯାଏ ।

ଏହାଙ୍କ ଅନ୍ତେ କାରୁଣ୍ଡ ଜନନୀର ବରପୁତ୍ର ଶ୍ରୀ ଉଦିତପ୍ରତାପ ଦେବ ଅଧୀଶ୍ୱର ପଦରେ ପ୍ରତିଷ୍ଠିତ ହେଲେ । ସେ ରାଜ୍ୟ ମଧ୍ୟରେ ନାନା ସ୍ଥାନରେ ଦେବଦେବୀ ମନ୍ଦିର, ବିଦ୍ୟାଳୟ, ସୁବିସ୍ତୀର୍ଣ୍ଣ [illegible] ପାନ୍ଥଶାଳା, ବାଣିଜ୍ୟ ଶିଳ୍ପାଗାର ପ୍ରଭୃତିର ସୂତ୍ରପାତ କରି ନିଜ ନାମକୁ କାରୁଣ୍ଡ ଜନନୀର ଭାଗ୍ୟପଟ୍ଟରେ ଅମରାକ୍ଷରରେ ଅଙ୍କିତ କରି ଚିର ସ୍ମରଣୀୟ ହୋଇଅଛନ୍ତି ।

ସେ ପ୍ରଜାମାନଙ୍କ କଲ୍ୟାଣସାଧନ ନିମିତ୍ତ ରାଜ୍ୟର ରାଜସ୍ୱ ବନ୍ଦୋବସ୍ତ କରି ଯାଇଥିଲେ । ଆଜି ସେହି ଭିତ୍ତିବଳରେ କାରୁଣ୍ଡ ଜନନୀର ପ୍ରଶାନ୍ତ କଳେବରର ବିକାଶ [illegible] ପରିଣତ ହୋଇ [illegible] ଶୁଭ୍ର, ସୌଧସଦନାବଳୀରେ ଦୀପ୍ତିମନ୍ତ ଦିଶୁଅଛି ।


ମହାରାଜା କେବଳ ରାଜ୍ୟର [illegible] ରତ ଥିଲେ, ଏମନ୍ତ ନୁହେ । ସେ [illegible] ମାନଙ୍କର ପଦମର୍ଯ୍ୟାଦା ଏବଂ ଗୌରବ ବୃଦ୍ଧି କାମନାରେ ପରଲୋକଗତା ଶ୍ରୀମତୀ ଭିକ୍ଟୋରିଆ ମହାରାଣୀଙ୍କର ଦିଲ୍ଲୀ ଦରବାରବେଳେ ଅଶ୍ୱ ରଥ ଗଜ ସୈନ୍ୟ ସାମନ୍ତ ସହ [illegible] ମାନଙ୍କ ଅଗ୍ରଣୀ ହୋଇ ସ୍ୱକୋଟଡ ଗୌରବ ରକ୍ଷା କରି [illegible] ପରକାଷ୍ଠା ଦେଖାଇଥିଲେ । ସେହି ମହାସଭାରେ [illegible] ଙ୍କୁ [illegible] ତୋପର ସମ୍ମାନ ପ୍ରଦର୍ଶିତ ହେବାରୁ ମହାରାଜାଙ୍କ


ଯଶଃଶ୍ରୀ ଚତୁର୍ଦ୍ଦିଗରେ ବିସ୍ତୃତ ହୋଇଥିଲା । ଅଦ୍ୟାପି ତାହା ପୌତ୍ର ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଅଛି ।

ଏହି ପ୍ରତାପୀ ମହାରାଜାଙ୍କ ଅନ୍ତେ ତାଙ୍କ ପୁତ୍ର ଶ୍ରୀ ରଘୁକେଶର ଦେବ ଶ୍ରୀମତୀ ଆଶାକୁମାରୀ ଦେବୀଙ୍କ ନରପଦ ଗ୍ରହଣ କରି ଥାଇ ଭାବୀ ସିଂହାସନର ଅଧିକାରୀ ବୋଲି ଗଣ୍ୟ ହେଲେ । ଏହି ସମୟରେ ରାଜ୍ୟର ଅଧିବାସୀ କନ୍ଧମାନେ ମେଳି ବାନ୍ଧି ନାନା ଉପଦ୍ରବ କରିଥିଲେ । ଏହା ଦେଖି କ୍ଷତ୍ରିୟଦୁହିତା ଶ୍ରୀମତୀ ମହାରାଣୀ ଆଶାକୁମାରୀ ଦେବୀ ବଂଶ ଏବଂ ପଦମର୍ଯ୍ୟାଦାର କିଛିମାତ୍ର କ୍ଷତି ନ କରି ଧୈର୍ଯ୍ୟ ଏବଂ ସାହସ ଅବଲମ୍ବନ ପୂର୍ବକ ସେନାପତି ଓ ଦେଶୀୟ ରକ୍ଷିତ ସେନା ପ୍ରେରଣ କରି ବିଦ୍ରୋହ ଦମନର ଉପାୟ କରିଥିଲେ । ଏହି ବଂଶରେ ଏହାଙ୍କ ପରି ସାହସୀ ବୀରରମଣୀ କେହି ରାଜତ୍ୱ କରି ନ ଥିଲେ । ମହାରାଣୀ ସମ୍ବଲପୁର ମହାରାଜା ଶ୍ରୀ ନାରାୟଣ ସିଂହଦେବଙ୍କର କନ୍ୟା ଥିଲେ । ବୈଧବ୍ୟ ବ୍ରତ ପାଳନ କରି କେତେ ବର୍ଷ ରାଜ୍ୟଶାସନ କଲା ପରେ ଦୟାଳୁ ଗବର୍ଣ୍ଣମେଣ୍ଟଙ୍କ କୃପାଦୃଷ୍ଟିରୁ ଏକଦଳ ପଦାତିକ ସେନା ଆସି ଦେଶୀୟ ସେନାଙ୍କ ସହ ଯୋଗ ଦେଇ ଭୀଷଣ ନର-ହତ୍ୟାକାରୀ ପ୍ରକାଣ୍ଡ କନ୍ଧଗୋଳମାଳ ଅଚିରାତ୍ ଦମନ କରି ଦେଲେ । ରାଜ୍ୟରେ ଶାନ୍ତି ପ୍ରତିଷ୍ଠିତ ହେଲା । ଏହି ଗୋଳମାଳରେ ଥାଟରାଜା ଶ୍ରୀ ବୈଦ୍ୟନାଥ ସିଂହ ଓ ସେନାପତି ଅର୍ଜୁନ ସିଂହ ଉଭୟେ ବିଶେଷ ନିପୁଣତା ପ୍ରକାଶ କରିଥିଲେ ।

ଏଥିଉତ୍ତାରେ କଣୋଦବୟସ୍କ ମହାରାଜ ଶ୍ରୀ ରଘୁକେଶର ଦେବ ଗବର୍ଣ୍ଣମେଣ୍ଟଙ୍କ ତତ୍ତ୍ୱାବଧାନରେ ଜବଲପୁରସ୍ଥ ରାଜକୁମାରଶିକ୍ଷା-କଲେଜକୁ ପ୍ରେରିତ ହେଲେ । ଅଳ୍ପ ବୟସରେ କଲେଜରୁ ଉତ୍ତୀର୍ଣ୍ଣ ହୋଇ ରାଏପୁରର ଜଜ ଓ କଲେକ୍ଟର କଚେରିମାନଙ୍କରେ ରାଜକାର୍ଯ୍ୟ-

ବିଶାରଦ ମାଜଷ୍ଟ୍ରେଟମାନଙ୍କଠାରୁ ରାଜକାର୍ଯ୍ୟ ଚଳାଇ ପାରିବାଭଳି ଉପଯୁକ୍ତ ଶିକ୍ଷା ଗ୍ରହଣ କଲେ । ମହାରାଜା ରାଜ୍ୟଶାସନପ୍ରଣାଳୀ ଶିକ୍ଷା ପାଇ ନିଜ ରାଜ୍ୟଭାର ଗ୍ରହଣ କରିବାର କେତେକ ବର୍ଷ ପରେ ଯୋଗ୍ୟତାର ପ୍ରକାଶ ନ ହେଉଣୁ ମାନବଲୀଳା ସମ୍ବରଣ କଲେ । ସେତେବେଳକୁ ତାଙ୍କର ଦେଢ଼ବର୍ଷବୟସ୍କ ଏକମାତ୍ର ଶିଶୁ ମହାରାଜକୁମାର ଶ୍ରୀ ବ୍ରଜମୋହନ ଦେବ ଏହି କାରୁଣ୍ୟ ଭାଗ୍ୟଗଗନରେ ଜ୍ୟୋତିଷ୍ମାନ୍ ପ୍ରତାପଚନ୍ଦ୍ର ତୁଲ୍ୟ ବିଦ୍ୟମାନ । ଦୟାମୟ ଗବର୍ଣ୍ଣମେଣ୍ଟଙ୍କ କୃପାଦୃଷ୍ଟି ଏବଂ ତାହାଙ୍କର ସୁଯୋଗ୍ୟା ସୁଚତୁରା ବୁଦ୍ଧିମତୀ ଜନନୀ ଶ୍ରୀମତୀ ଶ୍ରୀ ରାମଚନ୍ଦ୍ରପ୍ରିୟା ଦେବୀଙ୍କ ଅସୀମ ସ୍ନେହ ଓ ଲାଳନପାଳନରେ ଦିନକୁଦିନ ଶଶିକଳାତୁଲ୍ୟ ବର୍ଦ୍ଧିତ ହେବା ସଙ୍ଗେ ସଙ୍ଗେ ଶିକ୍ଷିତା କରୁଣାମୟୀ ଜନନୀଙ୍କ ନିକଟରେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ମାତୃଭାଷା ଶିକ୍ଷା କଲେ । ମହାରାଜକୁମାରଙ୍କ ଉପଯୁକ୍ତ ସମୟ ଉପସ୍ଥିତ ହେବାରୁ ଗବର୍ଣ୍ଣମେଣ୍ଟଙ୍କ ଆଦେଶରେ ରାଏପୁର ରାଜକୁମାର କଲେଜକୁ ଇଂରାଜୀ ରାଜଭାଷା ଶିକ୍ଷାନିମିତ୍ତ ପ୍ରେରିତ ହେଲେ । ସେଠାରେ ସେ ଆଠ ବର୍ଷ କାଳବ୍ୟାପୀ ଶିକ୍ଷା ପ୍ରାପ୍ତ ହୋଇ ଉତ୍ତୀର୍ଣ୍ଣ ହେଲେ । ପରେ ରାଜସମାରୋହରେ ବାମଣ୍ଡା ରାଜକନ୍ୟାଙ୍କ ପାଣିଗ୍ରହଣ କଲେ । ରାଜଧାନୀରେ ରାଜକାର୍ଯ୍ୟବିଶାରଦ ସୁପ୍ରବୀଣ ଷ୍ଟେଟ୍ ଦେବାନ ଶ୍ରୀଯୁକ୍ତ ଯୁଗଳକିଶୋର ତ୍ରିପାଠୀ ଏମ୍. ଏ. ଙ୍କ ତତ୍ତ୍ୱାବଧାନରେ ରାଜ୍ୟଶାସନ ପ୍ରଣାଳୀ ଶିକ୍ଷା କରି ୧୯୧୭ ମସିହା ସେପ୍ଟେମ୍ବର ୧୯ ତାରିଖଠାରୁ ଫିଉଡ଼େଟରୀ ଚିଫ୍‌ପଦର ଭାର ଗ୍ରହଣ କରିଅଛନ୍ତି ।





ଏହି ଚିହ୍ନିତ ସ୍ଥାନମାନ ଜମିଦାରୀ ଅବଶିଷ୍ଟ ଖାଲସା ସୀମା ଅଟେ

ସୀମା —କଳାହାଣ୍ଡିର ଉତ୍ତରରେ ପାଟନା, ଦକ୍ଷିଣରେ ଜୟପୁର, ପଶ୍ଚିମରେ ଖରିଅଳ ଓ ପୂର୍ବରେ ଖେମଣ୍ଡି । ଏଥିରେ କର୍ଲାପାଟ, କାଶୀପୁର, ମଦନପୁରରାମପୁର, ମହୁଲପାଟନା ଓ ଲାଞ୍ଜିଗଡ଼ ନାମରେ ୫ ଗୋଟି ଜମିଦାର ଏବଂ ନାଲଗୁମା ଓ ମାଣ୍ଡିବଷେ ନାମରେ ଦୁଇଗୋଟି ସବ୍ ଜମିଦାର ଅଛୁ ।

ପ୍ରାକୃତିକ ବିଭାଗ—ଏହା ପ୍ରଧାନତଃ ଡଙ୍ଗରଲା ଓ ଖାଲସା ନାମରେ ଦୁଇ ଅସମାନ ଭାଗରେ ବିଭକ୍ତ ।

ଆକାର—ପୂର୍ବ ପଶ୍ଚିମରେ ଦୀର୍ଘ, ଉତ୍ତର ଦକ୍ଷିଣରେ ଅପ୍ରଶସ୍ତ ।

ତୁଳନା —ଓଡ଼ିଶାର ଅନ୍ୟାନ୍ୟ ଗଡ଼ଜାତ ତୁଳନାରେ ଏହା [illegible] ସ୍ଥାନୀୟ ଅଛି ।

ଜଳବାୟୁ —ପାର୍ବତୀୟ ବିଭାଗ ଛଡ଼ା ଅପରସବୁ [illegible] ଜଳବାୟୁ ସମଶୀତଳ (ଶୀତକାଳରେ ଶୀତଳ, ଗ୍ରୀଷ୍ମକାଳରେ ଉଷ୍ଣ) ।

ରାଜସ୍ୱ—ପ୍ରାୟ [illegible] ଟଙ୍କା, କ୍ଷେତ୍ରଫଳ—୩୭୪୫ ବର୍ଗମାଇଲ । ଲୋକସଂଖ୍ୟା— [illegible]

ଖାଲସା ସୀମା—ଉତ୍ତରରେ ପାଟନା ଓ ତେଲନଦୀ, ଦକ୍ଷିଣରେ ଡଙ୍ଗରଲା, ପୂର୍ବରେ ମଦନପୁରରାମପୁର ଓ ପଶ୍ଚିମରେ ନବରଙ୍ଗପୁର ।

ତହସିଲ—ଜମିଦାରି ଛଡ଼ା ସମସ୍ତ ଖାଲସା [illegible] ଓ [illegible] ପୁର ନାମରେ [illegible] ତହସିଲରେ ବିଭକ୍ତ ।

ଶାସନ—ଦୁଇଗୋଟି ତହସିଲରେ ଦୁଇଜଣ [illegible] ତହସିଲଦାର ଓ [illegible] ତହସିଲଦାର ଅଛନ୍ତି । [illegible] ଜମିଦାର [illegible] ରମାନଙ୍କ [illegible] । ଉକ୍ତ [illegible] ଜମିଦାର

ବୋଡ଼୍ ଅଫ୍ ୱାର୍ଡ଼ ଥିବାରୁ ଷ୍ଟେଟ ପକ୍ଷରୁ ଦୁଇଜଣ ମେନେଜର ଅଛନ୍ତି, ଏସମସ୍ତଙ୍କ ଉପରେ ଜଣେ ଏସିଷ୍ଟାଣ୍ଟ ଦେୱାନ ଓ ଜଣେ ଦେୱାନ ଅଛନ୍ତି ।

ଜମିଦାର	ରାଜଧାନୀ	କ୍ଷେତ୍ରଫଳ ଯେତେବର୍ଗମାଇଲ	ଲୋକସଂଖ୍ୟା ।
କର୍ଲାପାଟ	କର୍ଲାପାଟ	୨୪୮	୧୨୭୨୮
ଲାଞ୍ଜିଗଡ଼	ଲାଞ୍ଜିଗଡ଼	୨୯୨	୧୧୯୮୦
କାଶୀପୁର	କାଶୀପୁର	୪୩୨	୩୯୪୧୨
ମଦନପୁର ରାମପୁର	ମଃ ରାମପୁର	୪୨୪	୨୯୨୦୦
ମହୁଲପାଟନା	ଜଏପାଟଣା	୩୪୮	୩୦୭୩୮

ଏହି ସମସ୍ତ ଜମିଦାର ପାର୍ବତ୍ୟ ବିଭାଗିରେ ଅବସ୍ଥିତ ହେତୁ ରାଜକୋଷର ଆୟ ପ୍ରାୟ ଦେଢ଼ଲକ୍ଷ ଟଙ୍କା ଅଟେ ।

ପ୍ରଗନା—ଜମିଦାରୀ ଛଡ଼ା ସମସ୍ତ ଖାଲସା ୪୪ ପ୍ରଗନାରେ ବିଭକ୍ତ; (ଜଙ୍ଗଲ ୧୭ ଓ ଖାଲସା ୨୭)।

ଖାଲସା ପ୍ରଗନା—କାଠବସ୍ତା, ଅସୁରଗଡ଼ବସ୍ତା, ଦୋକ୍ରିକ୍ରା, ମିଲକ, ଗଞ୍ଜା, ଗୋବର୍ଦ୍ଧନ, ଅମଣିଆ, ସାନନଦୀ, ବଡ଼ନଦୀ, ଦାଜପୁର, ଭବାନୀପାଟନାଗଣ୍ଡାନ, କୁଞ୍ଜପୁରିଗଣ୍ଡାନ, ଗଡ଼ତଲ, ବର୍ଣ୍ଡପଶୁଲପାଲୁ, ସାନପଶୁଲଖୀର, ତଦଗାଁ, ଅଟମେରା, ଢୋକଶରା, ଫତେନଗର, ମାଝିଦେଶ, ଡଞ୍ଜାବ, ଝିର୍କା, ଅମାଠୁଲା, ଗଢ଼କା, ଟୁପଙ୍କ, ଭବାନୀପାଟଣା ଗୋବର୍ଦ୍ଧନ ।

ଜଙ୍ଗଲ ପ୍ରଗନା—ପାଟଦରକା, ବୁଦେଦରକା, ମାଝବଙ୍ଗ, ଭାଉଁ ଜୁପଲାମ୍ଭ ... ମିଡ଼ଦକା, ଟଲାପଟିରିଆ ଢଲକଭୁରକା, ଡଙ୍ଗାବନ୍ଧ

ଧଲର୍କୀଂ ଓପରଝୁରୁକା, ଉଲେରକାଝୁରୁକା, ଗୁଡାଙ୍ଗ, ସିଙ୍ଗୋ ବିଛେପୁର ଜାଲଂ ଓ ବାବୁ କଠରକା ।

ପ୍ରସିଦ୍ଧ ଗ୍ରାମ—ଜୂନାଗଡ଼, ଖଇରପଦର, ଚଲଚଲି, ଛୁଲପା, ଉଦଗାଁ, କୋକଶରା, ନାନ୍ଦୋଲ, ଦଶପୁର, ମୋଟେର, ଗୁରବାହାଲ, ନର୍ଲା, କାଣିବାହାଲ, ଧରମଗଡ଼, କଣ୍ଡପଡ଼ା, ଉଚ୍ଛଲା, ହାବସପୁର, ଝିସୀଡ଼ା ବାନେର, ଦାସିଗାଁ ।

ସ୍ଥାନର ନାମ — ଯେ ସକାଶେ ପ୍ରସିଦ୍ଧ ।

ଲାଞ୍ଜିଗଡ଼—ଉତ୍କୃଷ୍ଟ କମଳା ଲେମ୍ବୁ ଓ ଅଭ୍ର ମିଳେ ।

ଲାଞ୍ଜି—ସୁରୁମା ପଥର ମିଳେ ।

ଡାଙ୍ଗପୁର—ନୀଳମଣି ପଥରର ସୁନ୍ଦର ସୁନ୍ଦର ବାସନ ମିଳେ ।

ସନ୍ତୁଲପାଠନା—ଲାକ୍ଷ ଓ ଟସର ଉତ୍ପନ୍ନ ହୁଏ ।

ମଦନପୁର ରାମପୁର—ଖଇର ଓ କଡ଼ କାଠ ମିଳେ ।

କର୍ଲାପାଠ—ଲୌହୋତ୍ପାଦକ ପ୍ରସ୍ତର ବିଶେଷ ମିଳେ ।

ଥୁଆମୂଳ ରାମପୁର—ଚନ୍ଦନବୃକ୍ଷ ଓ ରକ୍ତଚନ୍ଦନ ପ୍ରଚୁର ମିଳେ ।

ଜୂନାଗଡ଼—ପ୍ରାଚୀନ ରାଜଧାନୀ ଓ ବାଣିଜ୍ୟଶାଳୀ ସ୍ଥାନ । —

ଧରମଗଡ଼—ସାପ୍ତାହିକ ମେଳା ଓ ଭୀମଖୋଜ ନାମକ ପ୍ରାଚୀନ ଲକ୍ଷ୍ମୀ ବିବର ଅଛି ।

ଗୋଲାମୁଣ୍ଡା—ଶ୍ଳେଟ ପଥର ମିଳେ ।

ଆମ୍ପାଣି—ନିକଟସ୍ଥ ପର୍ବତ ଗହ୍ବରରୁ ଅଗ୍ନ୍ୟୁତ୍ପାତ ହୋଇ ଗନ୍ଧକ ବାହାରି ଥାଏ ।

କଣ୍ଟପଡ଼ା —ପ୍ରଚୁର ସୁରୁମା ଆବସ୍ଥିତ ହୋଇ ରପ୍ତାନ ହେଉଅଛି ।

ବେଲଖଣ୍ଡି—ପ୍ରତିବର୍ଷ ଶିବରାତ୍ରିରେ ଏକ ବୃହତ୍ ମେଳା ହୁଏ ।

ଅମ୍ପଗଡ଼, କଣ୍ଟପଡ଼ା, ମେଦିନୀପୁର, ହାବସପୁର, ଦେପୁର—ଏହି ସ୍ଥାନମାନଙ୍କରେ ସୁପ୍ରଶସ୍ତ ଗଭୀର ଜଳାଶୟ ଅଛି ।

ବଜେପୁର, ଧରମଗଡ଼, ବଡ଼କୁଟୁରୁ, ଭବାନୀପାଟଣା, ଜଗପୁର, ବେହେର, ଉକ୍ଳେଲ, କୁଟୁରୁ, ଟେମରା, ଅମପାଣି, ହାବସପୁର, କଲମପୁର, ମାଡଙ୍ଗ, ରୁପୁଡ଼ା, ଲଞ୍ଜିଗଁା, ନର୍ଲା, କୁମାରୀ—ଏହି ସ୍ଥାନମାନ ସାପ୍ତାହିକ ବୃହତ୍ ବଜାର ଓ ପ୍ରଧାନ ବାଣିଜ୍ୟସ୍ଥଳୀ ହେତୁ ପ୍ରସିଦ୍ଧ ।

ନର୍ଲା, ଭବାନୀପାଟଣା, କଲମପାଠ, ଜଏପାଟନା, ବୋର୍ଡ଼ା, ଥୁଆମୂଲ ରାମପୁର, କାଶୀପୁର, ଉଙ୍ଗାଶିଲ, କୋକଶରା, ମଦନପୁର ରାମପୁର, ଲାଞ୍ଜିଗଡ଼, ଜୁନାଗଡ଼—ଏହି ସ୍ଥାନମାନ ପୋଲିସ ଷ୍ଟେସନ ହେତୁ ପ୍ରସିଦ୍ଧ ।

ସାଉଲ, ଟେର୍ଯିଗାଙ୍ଗ, ଲାଞ୍ଜି, ପଙ୍ଗାବାଜୁ—ଏହି ସ୍ଥାନମାନଙ୍କରେ ଘୋଡ଼ପୋଷ୍ଟର କାର୍ଯ୍ୟ ହୁଏ ।

ଚଲଗୁଡ଼ା, ଇସିଡ଼ା, ଦାଦପୁର, ଧରମଗଡ଼, ସିକରକୁପା, କଣ୍ଟପଡ଼ା, ଦଶପୁର, ରୁପୁଡ଼ା, ବଡକୁଟୁରୁ, ଗୁଣପୁର, ଚନ୍ଦ୍ରଗିରି, ଉକ୍ଳେଲ, ଶରଙ୍ଗା, ଅମପାଣି, ଘୁଟୁରୁଖାଲ, ମାଣ୍ଡିଗାଁ, ନୀଳଗୁମା, ବଜେପୁର, ଖଇର, ମଦନପୁର, ଜୋଙ୍ଗା, କଲମପଣ୍ଡ, ମଙ୍ଗଳପାଟଣା—ଏହି ସ୍ଥାନମାନଙ୍କରେ ଗୋଟିଏ ଲେଖାଏଁ ଅପର ପ୍ରାଇମେରି ସ୍କୁଲ ଅଛି ।

ପୂର୍ବେ ଏହି ବିଭାଗ ଏତେ ଉନ୍ନତ ପାଇ ନ ଥିଲା । ବର୍ତ୍ତମାନ ରାଜା ମହୋଦୟଙ୍କ ସୁବ୍ୟବସ୍ଥା ଓ ଉଦ୍ୟୋଗରେ ...

ହେବା ପାଇ ସମସ୍ତ ଜନପଦକୁ ଛାରଖାର କରି ପକାଉଥିଲା । ଲୋକେ ଅରଣ୍ୟମଧ୍ୟସ୍ଥ ବୃହତ୍ ବୃହତ୍ ପ୍ରସ୍ତର ତଳେ, କେହି ବା ବୃକ୍ଷମୂଳ ବା କୋଟରରେ ବହୁମୂଲ୍ୟ ଧନ ସମ୍ପତ୍ତି ଲୁକ୍କାୟିତ କରି ଦୀନଭାବରେ କାଳ ଯାପନ କରୁଥିଲେ । ଆଜ ସୁଶାସନ ପ୍ରଭାବରୁ ସେହି ରୋମ-ହର୍ଷଣକାରୀ ଦସ୍ୟୁତାଦି ଦୂରୀଭୂତ ହୋଇ ସର୍ବତ୍ର ଶାନ୍ତି ବିରାଜ କରୁ-ଅଛି । ଲୋକେ ବହୁମୂଲ୍ୟ ଧନରତ୍ନରେ ବିଭୂଷିତ ହୋଇ ଏକାକୀ ବିଜନ ଅରଣ୍ୟ ମଧ୍ୟରେ ଭ୍ରମଣ କରି ଆନନ୍ଦ ଅନୁଭବ କରୁଅଛନ୍ତି ।

ଭବାନୀପାଟଣା, କର୍ଲପାଟ, କାଶୀପୁର, ଜୁନାଗଡ଼, ମଦନପୁର ରାମ-ପୁର, ଲାଞ୍ଜିଗଡ଼, ଜଏପାଟନା, କୋକସରା —ଏହି ପ୍ରତ୍ୟେକ ସ୍ଥାନରେ ଗୋଟିଏ ଲେଖାଏଁ ଦାତବ୍ୟ ଚିକିତ୍ସାଳୟ ସ୍ଥାପିତ ହୋଇ ଜନ-ସାଧାରଣରେ ବିନାମୂଲ୍ୟରେ ଔଷଧ ବିତରଣ କରା ଯାଉଅଛି । ରୋଗିମାନଙ୍କ ନିମନ୍ତେ ଆହାରାଦିର ଉତ୍ତମ ବ୍ୟବସ୍ଥା ସହିତ ରହିବା ନିମନ୍ତେ ଉତ୍ତମ ପକ୍କା ଗୃହ ନିର୍ମିତ ଅଛି । ପ୍ରତ୍ୟେକ ହସ୍ପିଟାଲରେ ଜଣେ ଜଣେ ଏସିଷ୍ଟେଣ୍ଟ ସର୍ଜନ, ଆବଶ୍ୟକମତେ କମ୍ପାଉଣ୍ଡର ଓ ରୋଗିମାନଙ୍କ ସେବା କରିବାପାଇଁ ଉପଯୁକ୍ତ ଭୃତ୍ୟମାନେ ନିଯୁକ୍ତ ଅଛନ୍ତି । ଏହା ଛଡ଼ା ସ୍ତ୍ରୀମାନଙ୍କ ଚିକିତ୍ସାପାଇଁ ଗୋଟିଏ ଫିମେଲ ହସ୍ପିଟାଲ ଆଉ ପଶୁମାନଙ୍କ ଚିକିତ୍ସାପାଇଁ ଗୋଟିଏ ଭିଟେନେରୀ ହସ୍ପିଟାଲ ସ୍ଥାପିତ ହୋଇ ପ୍ରତ୍ୟେକରେ ଉପଯୁକ୍ତ ଚିକିତ୍ସକ ଉଚ୍ଚ ବେତନରେ ନିଯୁକ୍ତ ଅଛନ୍ତି । ତାହାଛଡ଼ା କୌଣସି ପ୍ରକାର ରୋଗ ହେବାର ସମ୍ବାଦ ପାଇବାକ୍ଷଣି ଦରବାର ରାଜ୍ୟମଧ୍ୟସ୍ଥ ବିଭିନ୍ନ ସ୍ଥାନକୁ ଚିକିତ୍ସକମାନେ ପ୍ରେରିତ ହୋଇ ରୋଗ ଶାନ୍ତିର ବ୍ୟବସ୍ଥା କରିବା ବିଧାନ ଅଛି । ଏ ସମସ୍ତ କାର୍ଯ୍ୟର ତତ୍ତ୍ୱାବଧାନ ନିମନ୍ତେ ଭବାନୀପାଟଣାରେ ଜଣେ ସୁପରିଣ୍ଟେଣ୍ଡେଣ୍ଟ ମେଡ଼ିକେଲ ଅଫିସର ନିଯୁକ୍ତ ଅଛନ୍ତି ।

ଶିକ୍ଷା—ରାଜ୍ୟର ବିଭିନ୍ନ ସ୍ଥାନରେ ନିମ୍ନ ଓ ଉଚ୍ଚପ୍ରାଥମିକ ୭୬ଟି ଗୋଟି ବିଦ୍ୟାଳୟ ସ୍ଥାପିତ ହୋଇ ତହିଁରେ ଉପଯୁକ୍ତ ଶିକ୍ଷକମାନଙ୍କ ନିଯୁକ୍ତ କରାଯାଇ ଥିବାରୁ ବାଳକ ବାଳିକାମାନଙ୍କ ଶିକ୍ଷାର ସୁବନ୍ଦୋବସ୍ତ ହୋଇଅଛି । ଏହା ଛଡ଼ା ମି. ଇ., ହିନ୍ଦି, ସଂସ୍କୃତ, ଟ୍ରେନିଂ ଓ ହାଇ ଇଂରାଜି ସ୍କୁଲ ପ୍ରତ୍ୟେକରୁ ଗୋଟିଏ ଗୋଟିଏ ସ୍ଥାପିତ ହୋଇଅଛି । ସେ ସବୁରେ ଉପଯୁକ୍ତ ଶିକ୍ଷକମାନଙ୍କୁ ନିଯୁକ୍ତ କରାଯାଇ ଗରିବ ଛାତ୍ର-ମାନଙ୍କୁ ବୃତ୍ତି ଦେବାର ବ୍ୟବସ୍ଥା ଥିବାରୁ ପ୍ରଜାବର୍ଗର ଉଚ୍ଚଶିକ୍ଷା ନିମନ୍ତେ ବିଶେଷ ସୁବିଧା ହୋଇଅଛି ।

ପୂର୍ବେ ରାଜ୍ୟ ମଧ୍ୟରେ ଏତେ ଅଧିକ ବିଦ୍ୟାଳୟ ନ ଥିଲା, ଅଧିବାସିମାନେ ଘରେ ଘରେ ଚାଟଶାଳୀ ସ୍ଥାପନ କରି ଦେଶୀୟ ପ୍ରାଚୀନ ରୀତିରେ ସାମାନ୍ୟ ଶିକ୍ଷା ପ୍ରାପ୍ତ ହେଉଥିଲେ, ଶିକ୍ଷକମାନଙ୍କ ବିଶେଷ ଅଭାବ ଥିଲା, ରାଜ୍ୟ ମଧ୍ୟକୁ ପ୍ରଶସ୍ତ ରାଜପଥ ନ ଥିବାରୁ ବିଦ୍ୱାନ୍ ବ୍ୟକ୍ତିମାନଙ୍କ ଆଗମନ ବଡ଼ କଷ୍ଟ ହୋଇଥିଲା । ସ୍ୱର୍ଗୀୟ ଶ୍ରୀ ଉଦିତପ୍ରତାପ ଦେବଙ୍କ ରାଜତ୍ୱ ଆରମ୍ଭରୁ ଶିକ୍ଷାର ପ୍ରଚାର ସୂତ୍ରପାତ ହୋଇ ଆଜ ଦଶ ସହସ୍ରାଧିକ ବାଳକ ବାଳିକା ଅଧ୍ୟୟନ କରୁଥିବାର ଦେଖାଯାଏ ।

ପାହାଡ଼—ନାଗେଶ, ବ୍ରାହ୍ମଣୀ, କୁମ୍‌କୋଟ, ଧନୁପଞ୍ଝାଙ୍ଗ, ଚାଞ୍ଚା, ଘଣା, ଅମ୍ବପାଣି, ବଜ୍ରଗଡ଼ ଏହି କେତୋଟି ପ୍ରଧାନ ।

ଉପରୋକ୍ତ ପାହାଡ଼ମାନଙ୍କ ମଧ୍ୟରେ ବୃଢ଼ା ପାହାଡ଼ ଉପରେ ଅନେକଗୁଡ଼ିଏ ପ୍ରାକୃତିକ ମୂର୍ତ୍ତି ଦୃଷ୍ଟିଗୋଚର ହୁଏ । କହନ୍ତି ଅଛି କୌଣସି କୌଣସି ସମୟରେ ତପସ୍ୱୀମାନେ ତହିଁରେ ଗୁପ୍ତଭାବରେ ଅଞ୍ଚଳ ଗ୍ରହଣ କରିଥାନ୍ତି ।

ଜଙ୍ଗଲ—ଏହି ରାଜ୍ୟର ଅଧିବାସୀ ସଂଖ୍ୟାଳ୍ପ ହେତୁ ମାନବ ଦ୍ୱାର ...

ବୃକ୍ଷିତ ହୋଇ ନ ପାରି ବୃକ୍ଷଲତାପରିପୂର୍ଣ୍ଣ ଘନ ଜଙ୍ଗଲରେ ପରିଣତ ହୋଇଥିଲା । ବର୍ତ୍ତମାନ ଅଧିବାସିଙ୍କ ସଂଖ୍ୟାବୃଦ୍ଧି ଯୋଗୁଁ ଉର୍ବର ପ୍ରାନ୍ତର ଓ ଗିରିନିଃସୃତ ଝରଣାର ସମୀପବର୍ତ୍ତୀ ସ୍ଥାନମାନ ଜନପଦ ଓ ଆବାଦ ଜମିରେ ପରିଣତ ହୋଇ ଅବଶିଷ୍ଟାଂଶ ରକ୍ଷିତ ଜଙ୍ଗଲ ରୂପେ ନିର୍ଦ୍ଦିଷ୍ଟ ଅଛି । ସେହି ରକ୍ଷିତ ଜଙ୍ଗଲକୁ ଭିନ୍ନ ଭିନ୍ନ ରେଞ୍ଜରେ ବିଭକ୍ତ କରାଯାଇ ତାହାର ଶ୍ରୀବୃଦ୍ଧି ସାଧନ ନିମନ୍ତେ ଯୋଗ୍ୟ କର୍ମଚାରୀଗଣ ନିଯୁକ୍ତ ଅଛନ୍ତି । ପ୍ରତିବର୍ଷ ପ୍ରାୟ ଲକ୍ଷାଧିକ ଟଙ୍କା ଏଥିରୁ ଲାଭ ହେଉଅଛି ।

ଜଙ୍ଗଲଜାତ ଦ୍ରବ୍ୟ—ଲାଖ, ଚିରେଞ୍ଜି, ହରଡ଼ା, ବାହାଡ଼ା, ଖଇର, ଅଁଳା, ଧୂପ, ମଧୁ, ମଇଣ, କୋଷା, ମହୁଲ, ଢୋଲ, ସୁନାରିଛାଲି, କଡ଼ିକାଠ ଇତ୍ୟାଦି ।

କଣ୍ଟପଡ଼ା, ଉଚ୍ଛେଲା, କୋକସରା, ଭବାନୀପାଟଣା, ଧରମଗଡ଼, ଜୁନାଗଡ଼, ମୋହେର, ରାମପୁର, ନର୍ଲା, କର୍ଲାପାଟ, ଜଏପାଟଣା, ବୋର୍ଡ଼ା, ଯୁଗଶାଏପାଟଣା, ବନ୍ଦେପୁର, ଶାନ୍ତପୁର, କର୍ଲାପଡ଼ା, ରାମପୁର ମଦନପୁର, ଆମପାଣି—ଏହି ସ୍ଥାନମାନଙ୍କରେ ଗୋଟିଏ ଗୋଟିଏ ଡାକବଙ୍ଗଲା ପ୍ରସ୍ତୁତ ହୋଇଅଛି ।

ନଦୀ—ତେଲନଦୀ, ହାତୀନଦୀ, ସଗଡ଼ା, ଉତେଇନଦୀ, ଇନ୍ଦ୍ରାବତୀ, ରେଉନଦୀ, କମଲା, ଗାଇଧାର, ମୁଣ୍ଡରନଦୀ ପ୍ରଧାନ ।

ପ୍ରବାଦ ଅଛି, ରାଜ୍ୟର ସକଳ ଅଂଶରେ ଛୋଟ ବଡ଼ ପ୍ରାୟ ଏକ ସହସ୍ର ଗିରିନିଃସୃତ ନଦନଦୀ ପ୍ରବାହିତ ହେଉଥିବା ହେତୁ ରାଜ୍ୟଟି ବିଶେଷ ଉର୍ବର ।

ତେଲନଦୀ—ଜୟପୁର ଅଞ୍ଚଳରୁ ନିର୍ଗତ ହୋଇ ... କଳାହାଣ୍ଡି ମଧ୍ୟ ଦେଇ ମହାନଦୀରେ ... ମିଳିତ ହୋଇଅଛି । ... କୂଳରେ ... ଜୁନାଗଡ଼, ବେଲଗାଁ ଓ ସୋନପୁର ଅବସ୍ଥିତ ।

ହାଟନଦୀ—ନଙ୍ଗଲଘାଟିରୁ ନିର୍ଗତ ହୋଇ ଥୁଆମୂଳ, ରାମପୁର ଓ କର୍ଲାପାଟ ମଧ୍ୟ ଦେଇ ତେଲନଦୀ ସଙ୍ଗେ ମିଳିତ ହୋଇଅଛି । ଏହାର କୂଳରେ ଦାସୀଗାଁ ଓ ଜୁନାଗଡ଼ ଅବସ୍ଥିତ ।

ସଗଡ଼ାନଦୀ—କର୍ଲାପାଟରୁ ନିର୍ଗତ ହୋଇ ଖାଲସାସୀମା ଦେଇ ତେଲନଦୀ ସଙ୍ଗେ ମିଳିତ ହୋଇଅଛି । ଏହାର କୂଳରେ ସଗଡ଼ା, ରଙ୍ଗଗୁଡ଼ା ଓ ନାନ୍ଦୋଲ ଅବସ୍ଥିତ ।

ଉତ୍ତେଇନଦୀ—ଖେମଣ୍ଡିରୁ ନିର୍ଗତ ହୋଇ ଖାଲସାସୀମା ମଧ୍ୟ ଦେଇ ତେଲନଦୀ ସଙ୍ଗେ ମିଳିତ ହୋଇଅଛି । ଏହାର କୂଳରେ ବେଲଖଣ୍ଡି ଅବସ୍ଥିତ ।

ରେତନଦୀ—କନ୍ଧ ଉଙ୍ଗରଳରୁ ନିର୍ଗତ ହୋଇ ଖାଲସାସୀମା ଓ ଲାଞ୍ଜିଗଡ଼ ମଧ୍ୟ ଦେଇ ତେଲନଦୀ ସଙ୍ଗେ ମିଳିତ ହୋଇଅଛି । ଏହାର କୂଳରେ ଯୋଲଙ୍କୋ ଅବସ୍ଥିତ ।

ଇନ୍ଦ୍ରାବତୀ—ଥୁଆମୂଳରୁ ନିର୍ଗତ ହୋଇ କଳାହାଣ୍ଡି, ବସ୍ତର ଓ ଜୟପୁର ଦେଇ ଗୋଦାବରୀ ସଙ୍ଗେ ମିଳିତ ହୋଇଅଛି ।

କମଲଗାଇଧାର ନଦୀ—ମହୁଲପାଟନାରୁ ନିର୍ଗତ ହୋଇ ମହୁଲପାଟନା ଓ ରାମପୁର ମଧ୍ୟ ଦେଇ ହାଟନଦୀ ସଙ୍ଗେ ମିଳିତ ହୋଇଅଛି ।

[illegible]ନଦୀ—ବାଦେଲ [illegible]ରୁ ନିର୍ଗତ ହୋଇ [illegible] ଦେଇ [illegible]ନଦୀ ସଙ୍ଗେ ମିଳିତ ହୋଇଅଛି । ଏହାର କୂଳରେ [illegible]ଲପା[illegible]ତ ।

ରାଜ୍ୟାନ୍ତର୍ଗତ ବିସ୍ତୀର୍ଣ୍ଣ ରାଜପଥ ।

ସିଙ୍କରକୁପା—ଭବାନୀପାଟଣାରୁ ଆରମ୍ଭ ହୋଇ ପଶ୍ଚିମରୁ ପୂର୍ବାଭିମୁଖରେ ଜଏପୁର ପର୍ଯ୍ୟନ୍ତ ବିସ୍ତୃତ । ପାର୍ଶ୍ୱରେ ସିଙ୍କରକୁପା ଗ୍ରାମ ଅବସ୍ଥିତ ।

ସମ୍ବଲପୁର ସଡ଼କ—ଭବାନୀପାଟଣାରୁ ଆରମ୍ଭ ହୋଇ ଦକ୍ଷିଣ ଦିଗରୁ ଉତ୍ତରକୁ ପାଟଣା ପର୍ଯ୍ୟନ୍ତ ବିସ୍ତୃତ ରହିଅଛି । ପାର୍ଶ୍ୱରେ କଣ୍ଟପଡ଼ା ଗ୍ରାମ ଅବସ୍ଥିତ ।

ରାଏପୁର ସଡ଼କ—ଭବାନୀପାଟଣାରୁ ଆରମ୍ଭ ହୋଇ ଅଗ୍ନେୟ କୋଣରୁ ବାୟୁକୋଣାଭିମୁଖରେ ଖରିଆଳ ପର୍ଯ୍ୟନ୍ତ ବିସ୍ତୃତ । ପାର୍ଶ୍ୱରେ ବୋର୍ଡ଼ା ଗ୍ରାମ ଅବସ୍ଥିତ ।

ଜୁନାଗଡ଼ ସଡ଼କ—ଭବାନୀପାଟଣାରୁ ଆରମ୍ଭ ହୋଇ ପୂର୍ବ ଦିଗରୁ ପଶ୍ଚିମାଭିମୁଖରେ ବସ୍ତର ପର୍ଯ୍ୟନ୍ତ ବିସ୍ତୃତ ରହିଅଛି । ପାର୍ଶ୍ୱରେ କୋକସରା ଗ୍ରାମ ଅବସ୍ଥିତ ।

ପାର୍ବତୀପୁର ସଡ଼କ—ଭବାନୀପାଟଣାରୁ ଆରମ୍ଭ ହୋଇ ଉତ୍ତରରୁ ଦକ୍ଷିଣାଭିମୁଖରେ ଜୟପୁର ପର୍ଯ୍ୟନ୍ତ ବିସ୍ତୃତ ରହିଅଛି । ପାର୍ଶ୍ୱରେ ଭିଜେପୁର ନଗର ଅବସ୍ଥିତ ।

ଧରମଗଡ଼ ସଡ଼କ—ବଲଧିଆମାଲରୁ ଆରମ୍ଭ ହୋଇ ପୂର୍ବରୁ ପଶ୍ଚିମାଭିମୁଖରେ ଦେଭୁବ ପର୍ଯ୍ୟନ୍ତ ବିସ୍ତୃତ ରହିଅଛି । ପାର୍ଶ୍ୱରେ ଧରମଗଡ଼ ଗ୍ରାମ ଅବସ୍ଥିତ ।

[illegible] ବାଡ଼ୀ [illegible] କନ୍ଧ, [illegible] ସଉରା, ବଙ୍ଗଳ [illegible] ।

ଧାର୍ମାଙ୍କ [illegible] ଣ, କାରଣ, ତନ୍ତ୍ର, ସୁନାରୀ [illegible] ହେୟ,

କୁମାର, ଗଉଡ଼, ଥଠାରୀ, କୋଷ୍ଟା, ପାଇକ, ଷବିସ୍ଥ ପ୍ରଭୃତ ଜାତି ଏବଂ ଅବସ୍ଥବାସୀ, ପାଣ ଓ ଘାସୀଜାତ ଅନେକ ଅଛନ୍ତ । ଏତଦ୍‌ଭିନ୍ନ ମୁଷଲମାନ, ଖ୍ରୀଷ୍ଟିୟାନ ମଧ୍ୟ ଅଛନ୍ତ ।

ପରିଚ୍ଛଦ—ଅଧିବାସିମାନେ ଅଡ଼ମ୍ବରପ୍ରିୟ ନ ହୋଇ ଔଦାସ୍ୟରେ ପୂର୍ବ ଅଧିବାସିମାନଙ୍କ ଅନୁକରଣରେ ଅଳ୍ପ ପରିଚ୍ଛଦ ବ୍ୟବହାର କରନ୍ତି ।

ବିବାହ—କେବଳ ଉଚ୍ଚ ଏବଂ କୁଳୀନ ଜାତି ଛଡ଼ା ସମସ୍ତ ଜାତିରେ ପ୍ରାୟ ଗାନ୍ଧର୍ବ ବିବାହ ପ୍ରଥା ପ୍ରଚଳିତ ଅଛି ।

ଧର୍ମ—ମୁଷଲମାନ ଓ ଖ୍ରୀଷ୍ଟଧର୍ମାବଲମ୍ବୀ ଛଡ଼ା ପ୍ରାୟ ସମସ୍ତ ଅଧିବାସୀ ହିନ୍ଦୁଧର୍ମରେ ପୂର୍ଣ୍ଣ ବିଶ୍ୱାସ କରନ୍ତି ।

ଭାଷା—ପ୍ରାୟ ବିଶୁଦ୍ଧ ଓଡ଼ିଆ ।

ପର୍ବ—ଆଦମବାସିମାନଙ୍କ ମତ ବିଶେଷ ରକ୍ଷିତ ଥିବା ଦେଖାଯାଏ । କେବଳ ଉଚ୍ଚଜାତୀୟ ଲୋକେ ପର୍ବ ଦିବସ ପାଳନ କରୁଥିବାରୁ କେହି କେହି ଅନୁକରଣପ୍ରିୟ ହେବା ଜଣା ପଡ଼େ । ନବାନ୍ନ ଭକ୍ଷଣ ପ୍ରଧାନ ପର୍ବ, ଅନ୍ୟାନ୍ୟ ପର୍ବକୁ ସମସ୍ତେ ସଂସର୍ଗବଶତଃ ନାମମାତ୍ର ପାଳନ କରନ୍ତି ।

ଆମଦାନୀ—ମସଲା, ବିଲାତିଆଳୁ, ଲବଣ, ଲୁଗା ଏବଂ ସୁନା ।

ରପ୍ତାନି—ଚମଡ଼ା, ଶିଙ୍ଘ, ମଧୁ, ମଇଣ, କପା, ଝୋଟ, ତୈଳ, ତୈଳବୀଜ, ଗୋଧୂମ, ଚଣା, ମସୁମା, ହଇଡ଼ା, ବାହାଡ଼ା, ଖଇର, ଲାଖ, ଚସର, କଉଡ଼ିକାନ୍ଥ [illegible], ସୁନାରିଖ୍ଆଲ ଇତ୍ୟାଦି ।

ଉତ୍ପନ୍ନ ଶସ୍ୟ—ଧାନ, ମୁଗ, ବିରି, କୋଳଥ, ଚଣା, ଗୋଧୂମ ଓ ତୈଳବୀଜ, କପା ଇତ୍ୟାଦି ।

ଖନିଜ ଦ୍ରବ୍ୟ—ଲୌହ, ଅଭ୍ର, ସ୍ଲେଟ୍, ଚକ୍, ସୁରୁମା ।

ଋଣ—ଯେଉଁ ସମୟରେ ଏ ଦେଶରେ ରାଜମାର୍ଗ ନ ଥିଲା, ସେତେବେଳେ ମହାଜନମାନେ ଦରିଦ୍ର କୃଷକମାନଙ୍କୁ ସେମାନଙ୍କର ଅଭାବ ଜିନିସ ବା ନଗଦ ଟଙ୍କା ଅଧିକ ସୁଧରେ ଋଣ ଦେଉ ଥିଲେ । ତାହା ବର୍ତ୍ତମାନ ପରିବର୍ତ୍ତିତ ହୋଇ ନିର୍ଦ୍ଦିଷ୍ଟ ହାରରେ (ପ୍ରତି ଟଙ୍କାରେ ୦ ୵ ୬ ଦରରେ) ଋଣ କାରବାର ଚଳୁଅଛି । ଏଣୁ ପ୍ରଜାମାନେ ସୁଖରେ ଅଛନ୍ତି ।

ବାଣିଜ୍ୟ—ଏ ଦେଶରେ ପୂର୍ବେ କୌଣସି ଅଂଶରେ ସୁଗମ ରାଜପଥ ନ ଥିବାରୁ ଲୋକେ ସଙ୍କୀର୍ଣ୍ଣ ପଥରେ ଗିରିବନ ଅତିକ୍ରମ କରି ଲଦା ବଳଦ ସାହାଯ୍ୟରେ ଦେଶଦେଶାନ୍ତରକୁ ଉତ୍ପନ୍ନ ଦ୍ରବ୍ୟମାନ ନେଇ ବିକ୍ରୟ କରି ପାରୁଥିଲେ । ଆଜିକାଲି ସୁଦୀର୍ଘ ସୁପ୍ରଶସ୍ତ ରାଜପଥ ପ୍ରସ୍ତୁତ ହେବାରୁ ଉକ୍ତ କଷ୍ଟ ଏକାବେଳକେ ଦୂର ହୋଇ ପ୍ରତ୍ୟେକ ପ୍ରକାର (ମଟରକାର, ଗାଡି, ବଗି ଇତ୍ୟାଦି) ଯାନ ସାହାଯ୍ୟରେ ନାନା ଦେଶ ବିଦେଶକୁ ବାଣିଜ୍ୟ ଦ୍ରବ୍ୟ ବିକ୍ରୟ ନିମନ୍ତେ ପ୍ରେରିତ ହେଉଅଛି । କାହାର କୌଣସିପ୍ରକାର କଷ୍ଟ ନାହିଁ ।

ପରିଦୃଶ୍ୟ—ସମସ୍ତ କଳାହାଣ୍ଡିର ପ୍ରାକୃତିକ ଦୃଶ୍ୟ ଅତି ସୁନ୍ଦର । ଅତ୍ୟୁଚ୍ଚ ଗିରିମାଳା ଏହାର ଚାରି ଅଡେ ପ୍ରାଚୀରାକାରରେ ବିରାଜିତ, ଅନ୍ୟ [illegible] ସୁଦୂରବାହିନୀ ତେଲନଦୀ ଗିରି-ନିଃସୃତ ନିର୍ମଳ ଶୁଭ୍ର-ସଲିଳଦ୍ୱାରା ସର୍ବଦା ପ୍ରଧାବିତ ହୋଇ ତାହାର ପାରବର୍ତ୍ତୀ ସ୍ଥାନସମୂହକୁ ଉର୍ବର କରିବାଦ୍ୱାରା ରାଜ୍ୟର ଶ୍ରୀବୃଦ୍ଧି ସାଧନ କରୁଅଛି । ଶ୍ୟାମଳଛବି ଅନନ୍ତ କାନନ ଶ୍ରେଣୀ ଏହି ବିଶାଳ ଭୂଖଣ୍ଡକୁ ନୀଳବର୍ଣ୍ଣ ପଟ୍ଟବସ୍ତ୍ରରେ ସମାଚ୍ଛାଦିତ କରି ତାହାର ବନ୍ଧୁର ଅବୟବକୁ [illegible]ରେ ଦେଖାଇ ରଖିଅଛି । [illegible]ର [illegible] ଉତ୍ତୁଙ୍ଗ ଶୈଳଶ୍ରେଣୀ ମୂକ-ସାକ୍ଷୀରୂପେ [illegible]ମାନ [illegible] ଐତିହାସିକ ପ୍ରମାଣ ଦେଉଅଛି ।

କେତେକ ସ୍ଥାନ ସୁଶ୍ୟାମଳ ହରିତାୟମାନ କେଦାରଶ୍ରେଣୀରେ ସୁଶୋଭିତ ହୋଇ ଉର୍ବରତାର ପରିଚୟ ପ୍ରଦାନ କରୁଅଛି ।

ଏହାର ପ୍ରାକୃତିକ ଦୃଶ୍ୟ ଅତି ବିଚିତ୍ର, ତାହାର ଆଦି ଅନ୍ତ ମାନବ ମନରେ କଳି ହୁଏ ନାହିଁ । ଥରେ ଥରେ ଏହି ଦୃଶ୍ୟ ମାନବ ମନରେ ପ୍ରବେଶ କଲେ ମୁଗ୍ଧ ଏବଂ ବିମୋହିତ ହେବାକୁ ହୁଏ । ଆଜି ବର୍ତ୍ତମାନ ଯେପରି ସହର ବଜାର ବଡ଼ ବଡ଼ ଗ୍ରାମ ଦେଖୁଅଛ, ପୂର୍ବେ ଏଠାରେ ସେପରି ନ ଥିଲା, ଅଧିବାସିମାନେ ଅତି ଦୀନଭାବରେ ରହୁଥିଲେ । ଯେଉଁଦିନଠାରୁ ସୁଦୀର୍ଘ ରାଜମାର୍ଗମାନ ନିର୍ମିତ ହୋଇ ବାଣିଜ୍ୟ ଦ୍ରବ୍ୟାଦି ବିନିମୟର ସୁବିଧା ହେଲା; ନାନା ସ୍ଥାନରେ ଶିକ୍ଷାଗାର, ବାଣିଜ୍ୟାଗାର, କୂପ, ତଡ଼ାଗ, ପାନ୍ଥଶାଳାଦି ସଂସ୍ଥାପିତ ହେଲା; ଶାନ୍ତିରକ୍ଷକ ପ୍ରହରିଙ୍କ ତତ୍ତ୍ୱାବଧାନରୁ ରାଜ୍ୟରୁ ଦସ୍ୟୁ ଡକାଏତି ଜନିତ ଅଶାନ୍ତି ଦୂର ହେଲା; ସକଳ ପ୍ରଗଣା ଓ ଜମିଦାରୀର କେନ୍ଦ୍ରସ୍ଥଳୀ ମାନଙ୍କରେ ଦାତବ୍ୟ ଚିକିତ୍ସାଳୟ ସ୍ଥାପିତ ହୋଇ ବିନା ମୂଲ୍ୟରେ ଔଷଧାଦି ବିତରିତ ହେଲା; ଋଣର ସୁଧ ହ୍ରାସ କରାଇ ଦେବାର ବିଧାନ ହେଲା; ସେହିଦିନଠାରୁ ଅଧିବାସିମାନେ ମହାନନ୍ଦରେ ଦିନ କଟାଉଅଛନ୍ତି । ଆଜି ସୁଯୋଗ୍ୟ ଭାରପ୍ରାପ୍ତ ଉଚ୍ଚ ନୀଚ କର୍ମଚାରୀମାନଙ୍କ ସୁଶାସନ ବଳରୁ କାହାରି ତିଳେମାତ୍ର କଷ୍ଟ ଅନୁଭୂତ ହେଉ ନାହିଁ । ନାନା ସ୍ଥାନରେ ହିନ୍ଦୁ ଦେବଦେବୀମାନଙ୍କ ମନ୍ଦିରର ଜୀର୍ଣ୍ଣୋଦ୍ଧାର ଏବଂ ଆବଶ୍ୟକ [illegible] ମୌଲବୀ ମହମ୍ମଦ ପିର୍ଜାଦାଙ୍କ ଆବିଷ୍କୃତ ମସ୍‌ଜିଦର ଉନ୍ନତି ସାଧିତ ହୋଇଅଛି । ରକ୍ଷିତ ଜଙ୍ଗଲର ସୁବନ୍ଦୋବସ୍ତ ଯୋଗ୍ୟ କର୍ମଚାରୀଙ୍କ ହସ୍ତରେ ନ୍ୟସ୍ତ ଅଛି । [illegible] ରାଜ୍ୟର [illegible] ବିଶେଷ ଉନ୍ନତି ସାଧିତ ହୋଇଅଛି । ଦୁର୍ଗମ ଦୂର ପଥ ଅତିକ୍ରମ କରି ଯେଉଁ ସ୍ଥାନକୁ [illegible] ଗୃହ ଦିନେ ଯିବା ସୁକଠିନ ହୋଇଥିଲା, ଆଜି ସେଠାକୁ ଏକ ଦିବସରେ ଅନାୟାସରେ ଯିବାକୁ [illegible] ଉଅଛି । ମୋଟରରେ କହିବାକୁ

ଗଲେ ଏହି ରାଜ୍ୟ ନିକଟସ୍ଥ ପାଟଣା ରାଜ୍ୟ ତୁଳନାରେ କଳାହାଣ୍ଡି ଆୟତନ ଓ ଲୋକସଂଖ୍ୟାରେ ପ୍ରଥମ ସ୍ଥାନ ଅଧିକାର କରି ପାରିବ । ଅନ୍ୟାନ୍ୟ ବୃହତ୍ତମ ଗଡ଼ଜାତ ସହ ତୁଳନାରେ ଏହା ଦ୍ୱିତୀୟ ସ୍ଥାନ ପାଇବ । ଏହି ଉନ୍ନତି ଏତେ ଅଳ୍ପକାଳ ମଧ୍ୟରେ ଘଟିବ ବୋଲି କାହାରି ମନରେ ବିଶ୍ୱାସ ନ ଥିଲା, କେବଳ ସୁଦକ୍ଷ ଶାସନକର୍ତ୍ତାଙ୍କ ଶାସନ ପ୍ରଭାବରେ ରାଜ୍ୟର ଆଶାତୀତ ଉନ୍ନତି ଘଟିଅଛି ।



ପ୍ରଥମପାଠ ।

ଅନେକ ଲୋକ ଏକ ସ୍ଥାନରେ ଖାଦ୍ୟ, ପାନୀୟ ଜଳ, ଶାନ୍ତିରକ୍ଷା, ଚିକିତ୍ସା, ସମାଜ, ବୈଦ୍ୟ, ସ୍କୁଲ ପାଇବା ସୁବିଧା ଦେଖି ଏକାଠି ଘର କରି ରହିଲେ ତାହାକୁ ଗ୍ରାମ କହନ୍ତି; କିନ୍ତୁ ଜଣେ ଲୋକ ଏକାକୀ ଘର କରି ରହି ପାରେ ନାହିଁ । ଯେଉଁ ଘର ସବୁ ଉଚ୍ଚା, ଇଷ୍ଟକ ଗନ୍ଥାଣିଆ, ଖୋଲା ଭୂମି ଉପରେ ହୋଇଥାଏ । ଗ୍ରାମର ଲୋକେ ମୁଗ, ଧାନ, କପା, ଆଖୁ ଇତ୍ୟାଦି ଚାଷ କରି ତାହା ବିକା କିଣାଦ୍ୱାରା ପୋଷି ହୁଅନ୍ତି । ଯେଉଁ ସବୁ ସ୍ଥାନରେ ଗ୍ରାମର ଲୋକେ ଏକତ୍ରିତ ହୋଇ ସମସ୍ତ ଉତ୍ପନ୍ନ ଓ ପ୍ରସ୍ତୁତ ଜିନିସମାନ ବିକା କିଣା କରନ୍ତି ତାହାକୁ ହାଟ କହନ୍ତି । ଯେଉଁ ସ୍ଥାନରେ ନାନା ଦେଶୀୟ ଓ ନାନା ଜାତିର ଲୋକେ ଏକତ୍ର ବାସ କରି ନାନାପ୍ରକାର ବାଣିଜ୍ୟ କରନ୍ତି, ସ୍କୁଲ କଚେରୀ ପ୍ରଭୃତି ଅନେକ ସରକାରୀ କାର୍ଯ୍ୟକ୍ଷେତ୍ର ଥାଏ, ତାହାକୁ ସହର କହନ୍ତି । ... ସହରରେ ... କରି ରହିବା ଭଲ, କାରଣ ଏଠାରେ ସମସ୍ତେ ... ଅନେକ ... ସ୍ଥାନରୁ ନାନା ଜାତୀୟ ... ପଦାର୍ଥ ... ନିମନ୍ତେ ଏଠାକୁ ଆସେ । ଆବଶ୍ୟକ ... ମିଳିଲେ ଓ ବେଶି ଜମା ଥିବାରୁ ...

ସମୟରେ ଗ୍ରାମର ହଡ଼ଠାରୁ ଅଧିକ ଶସ୍ତାରେ ମିଳେ, ଲୋକେ ନାନା ଦୋକାନ ଦେଖି ମନ ମୁତାବକ ଜିନିଷ କିଣିଥାନ୍ତି । ଅନେକ ଦୋକାନ ହେତୁ ଲୋକେ ଶସ୍ତାରେ ଅଳ୍ପ ଲାଭରେ ଜିନିଷ ବିକ୍ରୟ କରନ୍ତି, ସ୍କୁଲ ଥିବାରୁ ଶିକ୍ଷାର ସୁବିଧା ମିଳେ । କଚେରୀ ଥିବା ହେତୁ କୌଣସି ଅଶାନ୍ତି ଘଟେ ନାହିଁ । ନିକଟରେ ସୁଚିକିତ୍ସକ ମିଳିବାରୁ ରୋଗର ଯନ୍ତ୍ରଣା ମାରାତ୍ମକ ହେଲେ ଭୟ ନ ଥାଏ । କେବଳ ଏତିକି ଯେ, ସହରରେ ଘର ସବୁ ଜନାକୀର୍ଣ୍ଣ ହେତୁ ଲଗାଲଗି ହୋଇ ପ୍ରସ୍ତୁତ ହୋଇଥାଏ, ଅଗ୍ନିଭୟ ନିବାରଣପାଇଁ ପ୍ରାୟ ଅଧିକାଂଶ ସହରବାସୀ ପକ୍କା ଘର ନିର୍ମାଣ କରି ରହିଥାନ୍ତି । ଏହି ହେତୁ ଗ୍ରାମଠାରୁ ସହରରେ ଅଧିକ ପକ୍କା ଘର ଦେଖାଯାଏ । ଗ୍ରାମରେ କାନ୍ଥ ଓ ଛାଟିଘର ବିଶେଷ ପରିମାଣରେ ଥାଏ ।

ଯେଉଁ ଲୋକମାନଙ୍କର ବାସସ୍ଥାନ ସ୍ଥାୟୀ ନାହିଁ, ବାଣିଜ୍ୟ କରିବାକୁ ବା ଗୋ, ମହିଷ, ମେଷ ଚରାଇବାକୁ ଏଣେତେଣେ ବୁଲନ୍ତି, ସେମାନେ ତାଳପତ୍ର, ଖଜୁର ପତ୍ର, ଚମଡ଼ା, ପଶମ, ଲୁଗା ପ୍ରଭୃତିରେ ଉପଯୁକ୍ତ ପଟୀ ତିଆରି କରି ସଙ୍ଗରେ ରଖିଥାନ୍ତି । ଇଚ୍ଛାନୁସାରେ ଯେଉଁ ସ୍ଥାନରେ ରହନ୍ତି, ସେଠାରେ ତାହାଦ୍ୱାରା ତମ୍ବୁ କରି ତାହା ଭିତରେ ରହୁଥାନ୍ତି । ଏହିପରି ଘରକୁ ତମ୍ବୁ ବା କପଡ଼ା କିମ୍ବା ପାଲର ଘର କୁହନ୍ତି । ଅନାର୍ଯ୍ୟମାନେ ଗଛର ପତ୍ର ସାହାଯ୍ୟରେ ଗୃହ ନିର୍ମାଣ କରନ୍ତି । ଯେଉଁ ସ୍ଥଳରେ ଯେଉଁ ଯେଉଁ ଜିନିଷ ବେଶି ଓ ଶସ୍ତାରେ ମିଳେ, ସେଠାରେ ଲୋକେ ସେହି ସବୁ ଜିନିଷରେ ଘର ତିଆରି କରନ୍ତି । ସାଧାରଣତଃ କାଠ, ବାଉଁଶ, [illegible], ପଥର ଇତ୍ୟାଦିରେ ଗୃହ ନିର୍ମିତ ହୁଏ । ଇଂଲଣ୍ଡ ପ୍ରଭୃତି ଦେଶରେ ଶୀତକାଳରେ ଅଧିକ ବରଫ ପଡୁଥିବାରୁ [illegible] ଘରମାନଙ୍କର ଛାତକୁ ଗଡ଼ାଣି [illegible] ବରଫ ଜମା

ହୋଇ ମକ୍କା କାନ୍ତୁ ଓ ଛାତ ଫଟାଇ ଦଏ । ଏଣୁ ସେ ଅଞ୍ଚଳର ଘରମାନଙ୍କ ଛାତ ଗଚ୍ଚାଣିଆ ହୋଇଥାଏ । ଅନ୍ୟ ସବୁ ଦେଶରେ ସେପରି ନୁହେ ।

ଦ୍ୱିତୀୟ ଦିଗସମ୍ବନ୍ଧୀୟ ପାଠ ।

ସୂର୍ଯ୍ୟ ଯେଉଁ ଆଡ଼େ ଉଏଁ ସେହି ଆଡ଼କୁ ମୁହଁ କରି ଠିଆ ହେଲେ ସମ୍ମୁଖ ଭାଗ ପୂର୍ବ ଦିଗ, ତାହାର ବିପରୀତ ଭାଗ ପଶ୍ଚିମ ଦିଗ, ଦକ୍ଷିଣ ହାତ ଯେଉଁ ଆଡ଼େ ସେ ଦକ୍ଷିଣ ଦିଗ, ବାମ ହାତ ଆଡ଼େ ଉତ୍ତର ଦିଗ ହେବ । ପୂର୍ବ ଓ ଉତ୍ତରର ମଧ୍ୟବର୍ତ୍ତୀ କୋଣ ଇଶାନ୍ କୋଣ, ଉତ୍ତର ଓ ପଶ୍ଚିମର ମଧ୍ୟବର୍ତ୍ତୀ କୋଣ ବାୟୁକୋଣ, ପଶ୍ଚିମ ଓ ଦକ୍ଷିଣର ମଧ୍ୟବର୍ତ୍ତୀ କୋଣ ନୈଋତ, ଦକ୍ଷିଣ ଓ ପୂର୍ବର ମଧ୍ୟବର୍ତ୍ତୀ କୋଣ ଅଗ୍ନିକୋଣ ।

କୌଣସି ସମୁଦ୍ର ଓ ଜଙ୍ଗଲ ମଧ୍ୟରେ କିମ୍ବା ଅନ୍ଧାର ରାତିରେ ଦିଗ ଜଣାଯାଏ ନାହିଁ । ତେଣୁ କମ୍ପାସ ନାମରେ ଗୋଟିଏ ଯନ୍ତ୍ର ବ୍ୟବହାର କରାଯାଏ, ତାହାର ଗୋଟିଏ ପାର୍ଶ୍ୱ ସର୍ବଦା ଉତ୍ତର ଦିଗକୁ ରହିଥାଏ । ଆକାଶରେ ସର୍ବଦା ଉତ୍ତର ଦିଗରେ ଧ୍ରୁବ ନାମକ ତାରା ଉଦୟ ହୁଏ, ତଦ୍ୱାରା [illegible] ଦିଗ ଚହ୍ନାଯାଏ । ଉତ୍ତର ଦିଗ ଜାଣି ପାରିଲେ ଅନ୍ୟ ଦିଗ ସବୁ ସହଜରେ ଜଣାଯିବ । ଅଜ୍ଞ ଏହା ମନେ ରଖ, କମ୍ପାସର କଣ୍ଟା ଯେପରି ସର୍ବଦା ଉତ୍ତର ଦିଗକୁ ମୁହଁ କରେ, ଧ୍ରୁବ ତାରା ତଦ୍ରୂପ ଉତ୍ତର ଦିଗରେ ସର୍ବଦା ଉଦିତ ହୁଏ ।

ତୃତୀୟ ଦୈର୍ଘ୍ୟ ଓ ପ୍ରସ୍ଥ ବିଷୟକ ପାଠ ।

ତୁମ୍ଭେମାନେ ବରଣ୍ଡା ବାନ୍ଧିଥିବା ପଥର ଦୂରକୁ ମାରିବାକୁ କହିବେ, ମାରି ପାରିଲେ ତହିଁରୁ ଅନୁମାନରେ ସେହି ପଥ [illegible]

ହ ———— । ଦୂରତ୍ୱ ପଡ଼ୁଥିବେ । ପରେ ତାହାର
ଉତ୍ତର ... ବା ... ଦୂରର ତାହା ମପାଇ ଅନୁମାନର
ତାରତ ... ବେ । ଏହାଦ୍ୱାରା ଦୈର୍ଘ୍ୟ ଓ ପ୍ରସ୍ଥର ଜ୍ଞାନ ଭଲ
ହେବେ ... ସମ୍ବନ୍ଧରେ ମଧ୍ୟ ଏହିପରି ଶିକ୍ଷା ଦେବାକୁ
ହେବ ... ମାପିବାକୁ ହେଲେ ତାକୁ ପାଦୁଣ୍ଡ ବା
... ପଦ୍ଧାର ଯେପରି ପାଦୁଣ୍ଡ ବା ହାତ ହେବ
... ୨ ଲଖ ନକ୍ସାର ... ...
କିମ୍ବା ଶିଷ ... ହେଲ ହେବ । ଏହିପରି ଇଞ୍ଚ, ଫୁଟ, ...
ଜାତକୁ ... ଷ୍ଟ୍ରୀମାନଙ୍କ ଦ୍ୱାରା ଚଲାଇ ... ଶିକ୍ଷା ଦେବେ ।
ଯଥା—ଗୃହ ... ର ଲମ୍ବ ୧୬ ଫୁଟ ସ୍ଥଳେ ୧୬ ଇଞ୍ଚ ବା ୮ ଇଞ୍ଚ
ମନେ ... ପ୍ରସ୍ଥ ୭ ଫୁଟ ସ୍ଥଳେ ୭ ଇଞ୍ଚ ବା ୩ ଇଞ୍ଚ ମନେ କର ଚିତ୍ର
କରାଇବ । ଷ୍ଟେଲ ନ ଥିଲେ ଆଙ୍ଗୁଳି ଓସାର ଖଣ୍ଡେ ବଉଁଶ-
... ଗଣ୍ଠି ଚିହ୍ନରେ ପଇସା ଥୋଇ ଇଞ୍ଚ ଏବଂ ଇଞ୍ଚର ଦଶମାଂଶ
ସୂଚିତ କର ଷ୍ଟେଲର ବଦଳରେ ବ୍ୟବହାର କରାଯାଇ ପାରେ ।



[illegible]

ଯେଉଁ ସ୍ଥାନରେ ପାଣି ପଡ଼ିଲେ ... ନ ଯାଇ ଜମି ରହେ ତାହାକୁ
ସମଭୂମି ଓ ଯେଉଁ ସ୍ଥାନରେ ପାଣି ପଡ଼ିଲେ ଗଡ଼ିଯାଏ ତାହାକୁ
ଢାଲୁ ... । ଉଚ୍ଚଳ ... ...
ନଦୀ ... । ଯେଉଁ ସ୍ଥାନରେ ଅନେକ ପଥର ଘନ
ଭାବେ ... ଲାଗି ... ଉପରେ ...
ତାହାର ଉପରେ ଛୋଟ ଛୋଟ ବୁଦା ଗଛ ... ତାହାକୁ ପାହାଡ଼